بِسۡمِ اللّٰہِ الرَّحۡمٰنِ الرَّحِیۡمِ

୩୧ ମାର୍ଚ୍ଚ ୨୦୨୫ ଇଦୁଲ୍ ଫିତର୍ ଖୁତ୍‌ବାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**କେବଳ ମନ୍ଦକର୍ମରୁ ନିବୃତ୍ତ ରହିବା ହିଁ ଧର୍ମପରାୟଣତା ନୁହେଁ । ବରଂ ବାସ୍ତବିକ ଧର୍ମପରାୟଣ ହେଉଛି ସତ୍‌କର୍ମ କରିବାରେ ପ୍ରତିଷ୍ଠିତ ରହିବା ଓ ସେଗୁଡ଼ିକୁ ଅବ୍ୟାହତ ରଖିବା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଦୁବି ଆଲୈହିମ୍ ୱଲଦ୍ଦାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; କାଲି ପବିତ୍ର ରମଜାନ ମାସ ଶେଷ ହେଲା ଓ ଆଜି ଆମେ ଅଲ୍ଲାଃଙ୍କ କୃପାରୁ **ଇଦୁଲ୍ ଫିତର୍** (ପର୍ବ) ପାଳନ କରୁଅଛେ । ଏଥିପାଇଁ ଆନନ୍ଦ ଉଲ୍ଲାସର ଦିବସ ପାଳନ କରୁଅଛେ, ଯେ ଯେଉଁ ସତ୍‌କର୍ମ ଆମେ ରମଜାନ ମାସରେ ଅର୍ଜନ କଲେ ଓ ସେହି ସତ୍‌କର୍ମ କରିବାର, ନିଜ ଅବସ୍ଥା **ତଜ୍‌ଦିଦ୍** (ଅର୍ଥାତ୍ ପରିମାର୍ଜିତ) କରିବାର ସୁଯୋଗ ମିଳିଥିବାରୁ ଆଜି ଆମେ **ଇଦ୍** (ଖୁସି)ର ପର୍ବ ପାଳନ କରୁଅଛେ । ଅତଃ ଏହି **ଇଦ୍** କେବଳ ଆନନ୍ଦ ଉଲ୍ଲାସ ଓ ମଉଜ କରିବାର ଦିବସ ନୁହେଁ, ବରଂ ଏକଥା ସ୍ମରଣ ରଖିବାର ଦିବସ ଯେ ଏବେ ଆମେ ସେ ସମସ୍ତ ପୁଣ୍ୟକର୍ମଗୁଡ଼ିକୁ ଅବ୍ୟାହତ ରଖିବୁ । ଯଦି ଏପରି ହେବ ତେବେଯାଇ ଆମର **ଇଦ୍** ପ୍ରକୃତ **ଇଦ୍** ସିଦ୍ଧ ହେବ ।

କେବଳ ମନ୍ଦକର୍ମରୁ ନିବୃତ୍ତ ରହିବା ହିଁ ଧର୍ମପରାୟଣତା ନୁହେଁ । ବରଂ ବାସ୍ତବିକ ଧର୍ମପରାୟଣ ହେଉଛି ସତ୍‌କର୍ମ କରିବାରେ ପ୍ରତିଷ୍ଠିତ ରହିବା ଓ ସେଗୁଡ଼ିକୁ ଜାରି ରଖିବା । ଆଜି ଆମେ ଏହି ପ୍ରତିଜ୍ଞାର ନବୀକରଣ (ଅର୍ଥାତ୍ ପୁନରାବୃତ୍ତି) କରୁଅଛୁ, ଯେ ଅଲ୍ଲାଃଙ୍କ କର୍ତ୍ତବ୍ୟ ତଥା ତାଙ୍କ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରିବାରେ ସର୍ବଦା ଦୃଢତାର ସହିତ ପ୍ରତିଷ୍ଠିତ ରହିବୁ ।

**ଇଦ୍** କେବଳ ଖାଇବା ପିଇବା ଓ ଖେଳକୁଦ ଅବା ନୂଆ ନୂଆ ଜାମା ପରିଧାନ କରିବାର ପର୍ବ ନୁହେଁ, ବରଂ **ଇଦ୍** ଆମକୁ ଏହି ସନ୍ଦେଶ ଦେଇଥାଏ ଯେ ଆସନ୍ତାରେ ଆମେମାନେ ଏହି ସତ୍‌କର୍ମଗୁଡ଼ିକୁ ଜାରି ରଖିବା ସହିତ ମନ୍ଦକର୍ମରୁ ନିବୃତ୍ତ ରହିବା । ଯଦି ଆଜି **ଇଦ୍** ପାଳନ କରିବା ପରେ ଆମେ ନିଜର ପୂର୍ବ ଅବସ୍ଥାକୁ ଫେରିଗଲେ, ଯେଉଁ ଅବସ୍ଥା ପବିତ୍ର ରମଜାନ ମାସ ପୂର୍ବରୁ ଆମର ଥିଲା ଅବା ଆମ ପାଦ ଉନ୍ନତି ପଥରେ ଆଗକୁ ଅଗ୍ରସର ହୋଇ ନାହିଁ ତେବେ ଏକଥା ଜଣେ ବିଶ୍ୱାସକାରୀର ବୈଶିଷ୍ଟ୍ୟ ବିପରୀତ ପ୍ରମାଣିତ ହେବ । ଜଣେ ବିଶ୍ୱାସକାରୀର ବୈଶିଷ୍ଟ୍ୟ ତ ଏହିକି ଯେ ସେ ସତ୍‌କର୍ମ କରିବାରେ କ୍ରମାଗତ ଭାବରେ ଆଗକୁ ବଢ଼ି ଚାଲିଥାଏ ।

ଆଜିର ଦିନରେ ଆମେ ନିଜର ସମୀକ୍ଷା କରିବା ଉଚିତ୍ ଯେ କ'ଣ ଆମେ ଏହି ସଙ୍କଳ୍ପ ଅନୁଯାୟୀ ନିଜକୁ ପ୍ରତିବଦ୍ଧ ରଖିବାକୁ ପ୍ରସ୍ତୁତ ଅଛେ । କ'ଣ ବାସ୍ତବରେ ଆମେ ପରାକ୍ରମୀ ଅଲ୍ଲାଃଙ୍କ ସହିତ କରିଥିବା ପ୍ରତିଜ୍ଞା ପୂରଣ କରିବାରେ ପୂର୍ଣ୍ଣ ରୂପେ ପ୍ରୟାସରତ । ନିୟମାନୁଯାୟୀ ତ **ଇଦୁଲ୍ ଫିତର୍** ଆମମାନଙ୍କୁ ଏହି ଦୃଶ୍ୟ ଦେଖାଇବା କଥା ଯେ ଏକ ମାସ **ରୋଜା** (ଉପବାସ) କରିବା ଦ୍ୱାରା ଆମକୁ ଈଶ୍ୱର-ପ୍ରାପ୍ତି ହୋଇଯାଇଛି । ଯଦି ଈଶ୍ୱର-ପ୍ରାପ୍ତି ହୋଇଯାଏ ତେବେ ତ ସତ୍‌କର୍ମ କରିବାରେ ଉନ୍ନତି କରିବା ଦୃଶ୍ୟମାନ ହେବା ଉଚିତ୍ ।

**ଇଦ୍**ର ଦିନ କେବଳ ଆନନ୍ଦ ଉଲ୍ଲାସ କରିବାର ଦିନ ନୁହେଁ । ବରଂ ତାହା ଉପାସନା ପ୍ରତି ବିଶେଷ ଭାବରେ ଧ୍ୟାନ ଆକର୍ଷିତ କରିବାର ଦିନ । ସେହିଦିନ ଆମ ଉପରେ ବାକି ଦିନମାନଙ୍କ ଅପେକ୍ଷା ଅଧିକ ନମାଜ୍ ପାଠ କରିବା ଧାର୍ଯ୍ୟ କରାଯାଇଛି । ଅନ୍ୟାନ୍ୟ ଦିନମାନଙ୍କରେ ତ କେବଳ ପାଞ୍ଚ ଥର ନମାଜ୍ ପାଠ କରାଯାଇଥାଏ, କିନ୍ତୁ **ଇଦ୍** ଦିନରେ ଛ'ଗୋଟି ନମାଜ୍ ଧାର୍ଯ୍ୟ କରାଯାଇଛି । ସୁତରାଂ ଏହା ଉପାସନା କରିବା ନିମନ୍ତେ ଏକ ବିଶେଷ ଦିନ ।

ଯଦି ଆମକୁ ଈଶ୍ୱର ନମିଳନ୍ତି, ଯଦି ଆମେ ତାଙ୍କ ଉପାସନାର ସମ୍ପାଦନ କରି ନପାରିଲେ ଓ ପ୍ରଭୁଙ୍କ ଭକ୍ତମାନଙ୍କ କର୍ତ୍ତବ୍ୟ ମଧ୍ୟ ସମ୍ପନ୍ନ କରି ନପାରିଲେ, ଯଦି ଆମେ ଈଶ୍ୱର-ପ୍ରାପ୍ତି କରିବାର କର୍ତ୍ତବ୍ୟ ସମ୍ପନ୍ନ କରି ନପାରିଲେ ତେବେ କେବଳ ଆନନ୍ଦ ଉଲ୍ଲାସ କରିବା ତ ଏହି **ଇଦ୍**ର ଉଦ୍ଦେଶ୍ୟ ନୁହେଁ । **ତେଣୁ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ଜରୁରୀ, ଏହା ମଧ୍ୟ ଏକ ପ୍ରକାରର ଉପାସନା** । ଏପରି ବ୍ୟକ୍ତି ଯାହାକୁ ଈଶ୍ୱର-ପ୍ରାପ୍ତି ହୋଇ ନାହିଁ, ତାହାର ଉଦାହରଣ ହଜରତ ମୁସଲେହ୍ ମଉଦ[ର.ଅ]ଙ୍କ କହିବାନୁଯାୟୀ ଏପରି ପାଗଳ ସଦୃଶ ଯାହାକୁ ମୋତି ମାଣିକ ଚିହ୍ନିବାର କୌଶଳ ଜଣା ନାହିଁ ଏବଂ ସେ କାଚ ଟୁକୁଡ଼ାକୁ ମୂଲ୍ୟବାନ ରତ୍ନହୀରା ବୋଲି ମଣୁଅଛି । ଯେତେବେଳେ ମନୁଷ୍ୟର ଈଶ୍ୱରଙ୍କ ସହିତ ବିଶେଷ ସମ୍ପର୍କ ସ୍ଥାପନ ହେବ ସେତେବେଳେ ଯାଇ ସେ ତାଙ୍କୁ ଚିହ୍ନି ପାରିବ । ଦେଖ ଯାହାକୁ ଈଶ୍ୱର ପସନ୍ଦ କରନ୍ତି, ତାହାକୁ ଚିହ୍ନିବାର ଶକ୍ତି ଓ ବ୍ରହ୍ମଜ୍ଞାନ ପ୍ରଦାନ କରି ଦେଇଥା'ନ୍ତି । **ଜଣେ ସଚ୍ଚୋଟ ବିଶ୍ୱାସକାରୀର ଖୁସି ତ ଏହିକି ଯେ, ସେ ଈଶ୍ୱର-ପ୍ରାପ୍ତି କରିନେଉ ।**

ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କହିଲେ; ଜଣେ ଜନନୀକୁ ନିଜ ହଜିଯାଇଥିବା ଶିଶୁ ମିଳିଗଲେ ଯେପରି ସେ ଉଲ୍ଲାସିତ ହୋଇ ଉଠେ, ସେହିପରି ଜଣେ ଭକ୍ତ ନିଜ ଈଶ୍ୱରଙ୍କ ଆଡ଼କୁ ପାଦ ବଢାଇଲେ ପ୍ରଭୁ ତା' ଠାରୁ ଅଧିକ ପ୍ରସନ୍ନିତ ହୋଇଥା'ନ୍ତି । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ନିଶ୍ଚିତ ରୂପେ **ଇଦ୍**ର ଦିନ ଏକ ମଙ୍ଗଳମୟ ଦିନ । କିନ୍ତୁ ଆଉ ଗୋଟିଏ ଦିନ ରହିଛି, ଯାହାକି ତା' ଠାରୁ ଅଧିକ ମଙ୍ଗଳମୟ ଓ ସେହି ଦିନଟି ହେଉଛି ମନୁଷ୍ୟର **ତୌବା** ଅର୍ଥାତ୍ କ୍ଷମାଯାଚନାର ଦିନ । **ସେହି ଦିନ ଜୁମା ଓ ଇଦ୍‌ର ଦିନ ଠାରୁ ବି ଅଧିକ ଆନନ୍ଦର ଦିନ ।**

ହୁଜୁର[ଅ.ସ] କହିଲେ; ପ୍ରକୃତ କ୍ଷମାଯାଚନା ସହିତ ପ୍ରକୃତ ପବିତ୍ର ଓ ସ୍ୱଚ୍ଛତା ସର୍ତ୍ତ ଅଟେ । ସମସ୍ତ ପ୍ରକାରର ମଳିନତା ତଥା ଅପରିଷ୍କାରରୁ ପୃଥକ ରହିବା ସର୍ତ୍ତ । ନଚେତ୍ କେବଳ କ୍ଷମାଯାଚନା

କରିବାର ଶବ୍ଦ ଉଚ୍ଚାରଣ (ଆବୃତ୍ତି) କରିବାରେ କୌଣସି ଉପକାର ମିଳି ନଥାଏ । ସେହି ଦିନ ଏପରି ମଙ୍ଗଳମୟ ହେବ ଯେଉଁ ଦିନ ମନୁଷ୍ୟ ନିଜ ମନ୍ଦକର୍ମରୁ କ୍ଷମାଯାଚନା କରି ନିଜ ସୃଷ୍ଟିକର୍ତ୍ତା ସହିତ ନିଷ୍ଠାପୂର୍ଣ୍ଣ ପ୍ରତିଜ୍ଞା କରିନିଏ ଓ ତାଙ୍କ ଆଜ୍ଞା ପାଳନ କରିବାରେ ନିଜ ମସ୍ତକ ନଇଁ ଦେଇଥାଏ । ତେବେ କୌଣସି ସନ୍ଦେହ ରହିବ ନାହିଁ, ଯେ ତାହାକୁ ସେହି ଶାସ୍ତିରୁ ଯାହାକି ଗୁପ୍ତ ରୂପେ ତାହାର କଳାକର୍ମ ଯୋଗୁଁ ପ୍ରସ୍ତୁତ କରାଯାଉଛି, ରକ୍ଷା କରାଯିବ । ଆଉ ଏପରି ସେହି ବ୍ୟକ୍ତି ତାହା ହାସଲ କରିନେବ ଯାହାର ସେ ଆଶା ବି କରି ନଥିବ ।

ଆଜିକାଲି ଜଗତରେ ଏପରି ଭୁଲ (ଅସତ୍‌କର୍ମ) ହେଉଅଛି । କିନ୍ତୁ ଏହି ଦିନମାନଙ୍କରେ ଯେତେବେଳେ ଜଣେ ବିଶ୍ୱାସକାରୀ ଈଶ୍ୱରଙ୍କ ସକାଶେ ଉପବାସ କରେ ଓ ତାଙ୍କ ସାନ୍ନିଧ ଲାଭ କରିବାକୁ ପ୍ରୟାସ କରେ ସେତେବେଳେ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ତାକୁ ତାହାର ଅନେକ ପ୍ରତିଫଳ ପ୍ରଦାନ କରିଥା'ନ୍ତି । ଯେତେବେଳେ ଆମେମାନେ ଏସବୁ ବିଷୟଗୁଡ଼ିକର ପାଳନ କରିବା ତେବେ ଆମେ ଓ ଆମ କୁଟୁମ୍ବ **ଇଦ୍‌**ର ସେହି ପ୍ରକୃତ ଆନନ୍ଦ ହାସଲ କରିପାରିବ ଯାହାକି **ଇଦ୍‌**ର ପ୍ରକୃତ ଉଦ୍ଦେଶ୍ୟ । ଅଲ୍ଲାଃତାଲା କରନ୍ତୁ ଆମେ ଏବେ ସେହି ପୁଣ୍ୟକର୍ମଗୁଡ଼ିକୁ ବଜାୟ ରଖିବା ଯାହାକି ଆମେମାନେ ପବିତ୍ର ରମଜାନ ମାସରେ କରିବାକୁ ଉଦ୍ୟମ କରିଥିଲେ । ଯଦି ରମଜାନରେ **ତରାୱି ଓ ତହ୍‌ଜୁଦ୍‌** (ରାତ୍ରୀକାଳୀନ ନମାଜ୍‌) ପାଠ କରୁଥିଲେ ତେବେ ଏବେ ଘରେ କିଛି ନା କିଛି **ନୱାଫିଲ୍‌** (ଅତିରିକ୍ତ ନମାଜ୍‌) ପାଠ କରିବାର ଆୟୋଜନ କରିବା । ଅଲ୍ଲାଃତାଲା କରନ୍ତୁ ଆମେମାନେ ପ୍ରଭୁଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ସହିତ ପରସ୍ପର ପ୍ରତି ଥିବା ନିଜର କର୍ତ୍ତବ୍ୟ ମଧ୍ୟ ସମ୍ପାଦନକାରୀ ହୋଇଯାଉ । **ଅଲ୍ଲାଃତାଲା ଆମମାନଙ୍କ ଠାରେ ଏହି ପବିତ୍ର ପରିବର୍ତ୍ତନ ଜାତ କରିଦିଅନ୍ତୁ** ।

ମହାମହିମ ହୁଜୁର ଅନୱରଅ.ବ ଜମାଅତକୁ ଦୁଆ କରିବାକୁ ଆହ୍ୱାନ ଜଣାଇ କହିଲେ; ଦୁଆ କରନ୍ତୁ କି ଅଲ୍ଲାଃତାଲା ସମସ୍ତ ଅହମଦିମାନଙ୍କୁ ନିଜ ଦୟା ଓ ଅନୁକମ୍ପାର ଛତ୍ରଛାୟା ତଳେ ସ୍ଥାନ ଦିଅନ୍ତୁ । ଅନେକ ସ୍ଥାନରେ ଅନେକ ଅହମଦି ଅଯଥାରେ ମନୁଷ୍ୟକୃତ ତ୍ରୁଟିପୂର୍ଣ୍ଣ ନିୟମରେ କବଳିତ ହୋଇ ରହିଛନ୍ତି । ଯେପରିକି ପାକିସ୍ତାନରେ ଯିଏକି ସ୍ୱାଧୀନ ଭାବରେ ନିଜ ଧର୍ମକର୍ମ ଅର୍ଥାତ୍‌ **ଇଦ୍‌ ନମାଜ୍‌** ମଧ୍ୟ ପାଠ କରିପାରୁ ନାହାନ୍ତି । ଅଲ୍ଲାଃତାଲା ସେମାନଙ୍କୁ ଅବସର ପ୍ରଦାନ କରନ୍ତୁ, ଯେ ସେମାନେ ପ୍ରକୃତ **ଇଦ୍‌** ପାଳନ କରନ୍ତୁ ଏବଂ ନିଜକୁ ଈଶ୍ୱରଙ୍କ ନିକଟତର କରନ୍ତୁ । ଆଉ **ଇଦ୍‌**ର ପ୍ରକାଶ୍ୟ ଆନନ୍ଦ ଉଲ୍ଲାସ ବି ସେମାନଙ୍କୁ ଲାଭ ହେଉ । ଅଲ୍ଲାଃତାଲା ସେମାନଙ୍କର ସମସ୍ୟା ଓ ବିପତ୍ତି ଖୁବ୍‌ ଶୀଘ୍ର ଦୂର କରିଦିଅନ୍ତୁ । ଆଜି ମଧ୍ୟ ସେମାନେ ଅତି ଉତ୍କଟ ଓ ଭୟଭୀତ ଅବସ୍ଥାରେ **ଇଦ୍‌ ନମାଜ୍‌** ପାଠ କରିଛନ୍ତି । ଦଳ ଦଳ ହୋଇ ସମୟ ବ୍ୟବଧାନରେ **ନମାଜ୍‌** ପାଠ କରିଛନ୍ତି । କରାଚୀ ଓ ଅନ୍ୟ କେତେକ ସ୍ଥାନରେ ଅହମଦିମାନଙ୍କୁ **ଇଦ୍‌ ନମାଜ୍‌** ପାଠ କରିବାକୁ ବାରଣ କରାଗଲା । ଆଉ ବିରୋଧୀମାନେ ଆମ ମସଜିଦ୍‌ ଉପରେ ଆକ୍ରମଣ ମଧ୍ୟ କଲେ, ନିୟମ

ପ୍ରଣୟନକାରୀଙ୍କର ଅବସ୍ଥା ଏହିକି ଯେ, ସେମାନେ ଆକ୍ରମଣକାରୀଙ୍କୁ ଏପରି କରିବାରୁ ବିରତ ରଖିବା ପରିବର୍ତ୍ତେ ଓଲଟା ଆମ ମସଜିଦ୍‌ରେ ତାଲା ପକାଇ ଦେଲେ । ଅଲ୍ଲାଃତାଲା ଖୁବ୍ ଶୀଘ୍ର ଏହି ବିରୋଧୀମାନଙ୍କ ଧରପଗଡ଼ କରନ୍ତୁ । **ଆମିନ୍** ।

ବ୍ୟାଧିଗ୍ରସ୍ତ ଲୋକମାନଙ୍କ ସକାଶେ ଦୁଆ କରନ୍ତୁ, ଅଲ୍ଲାଃତାଲା ସମସ୍ତଙ୍କୁ ଆରୋଗ୍ୟ ପ୍ରଦାନ କରନ୍ତୁ । ମାନବଜାତି, ଇସଲାମ୍ ଓ ଜମାଅତ ଅହମଦିୟା ସକାଶେ ଅର୍ଥଦାନ ଓ ଅନ୍ୟାନ୍ୟ ବଳିଦାନକାରୀଙ୍କୁ ମଧ୍ୟ ଅଲ୍ଲାଃତାଲା ନିଜ କୃପା ଓ ଆଶିଷ ପ୍ରଦାନ କରନ୍ତୁ । **ଆମିନ୍** । ଏହିପରି ଶହିଦ୍‌ମାନଙ୍କ ପିଲାମାନଙ୍କ ପାଇଁ, ଅଲ୍ଲାଃତାଲାଙ୍କ ମାର୍ଗରେ କାରାବରଣ ଭୋଗ କରୁଥିବା, ଉତ୍ସର୍ଗୀ ଏବଂ ସାଧାରଣତଃ ମୁସଲମାନ ସମ୍ପ୍ରଦାୟ ସକାଶେ ମଧ୍ୟ ଦୁଆ କରିବେ । ଅଲ୍ଲାଃତାଲା ମୁସଲମାନମାନଙ୍କୁ ସଦ୍‌ବୁଦ୍ଧି ଓ ସତ୍‌ଜ୍ଞାନ ପ୍ରଦାନ କରନ୍ତୁ, ସେମାନେ ପ୍ରକୃତ ଅର୍ଥରେ ଈଶ୍ୱରଙ୍କ ହାତ ଧରନ୍ତୁ । ଆଉ ଚଳିତ ଯୁଗର ଅବତାର ହଜରତ ମସିହ ମଉଦ[ଅ.ସ]ଙ୍କୁ ସ୍ୱୀକାର କରି ଏମାନେ ଈଶ୍ୱରଙ୍କ ପ୍ରୀତିଭାଜନ ଲାଭ କରିବାର ଅଧିକାରୀ ହୁଅନ୍ତୁ ଓ ପ୍ରକୃତ **ଇଦ୍** ପାଳନ କରନ୍ତୁ । **ଆମିନ୍** ।

ପରିଶେଷରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ବିଶ୍ୱରେ ବାସ କରୁଥିବା ଜମାଅତର ସମସ୍ତ ସଦସ୍ୟବୃନ୍ଦଙ୍କୁ **ଇଦ୍**ର ଅଭିନନ୍ଦନ ଜଣାଇଲେ । ସେଥିଅନ୍ତେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ପାକିସ୍ତାନର ଅହମଦିମାନଙ୍କୁ ସର୍ବଦା ଦୁଆରେ ମନେ ରଖିବେ । କାରଣ ସେଠାରେ ପରିସ୍ଥିତି ଅତି ଜଟିଳ ହୋଇଚାଲିଛି । ଅଲ୍ଲାଃତାଲା ପ୍ରକୃତରେ ସେମାନଙ୍କ ପାଇଁ ଏହି **ଇଦ୍** ମଙ୍ଗଳମୟ କରନ୍ତୁ । ନିରୀହ ଅହମଦିମାନେ ନିଜ ଘରେ ମନସ୍ତାପରେ ବସିଛନ୍ତି । କିନ୍ତୁ ସେମାନଙ୍କୁ ଜାଣି ରଖିବା ଉଚିତ୍ ଯେ ସର୍ବଶକ୍ତିମାନ ଅଲ୍ଲାଃ **ଇନ୍‌ଶାଅଲ୍ଲାଃ** ପରିସ୍ଥିତି ଖୁବ୍ ଶୀଘ୍ର ବଦଳାଇ ଦେବେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟ୍ୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Eid-Ul-Fitr Huzoor Anwar a.b.a

31st March 2025

*Translated to Odia by :* Moulavi Anwar Ahmad Khan